# REGIONAL NEWS BULLETINS

## 16th October 2017–Monday

## Evening Bulletin : 6.45 pm.

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ପ୍ରଥମ ଭୂତଳ ଜଳସେଚନ ପ୍ରକଳ୍ପ ବରଗଡ଼ ଜିଲ୍ଲାର ବିଜେପୁର ବ୍ଲକରେ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।
- ୨୦୧୬ ମସିହା ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ସୂଚନା ଅଧିକାର ସମ୍ପର୍କିତ ଦରଖାସ୍ତଗୁଡ଼ିକର ଫଇସଲା ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା କରାଯିବ ବୋଲି ମୁଖ୍ୟ ସୂଚନା ଆୟୁକ୍ତଙ୍କ ସୂଚନା ।
- କଟକ ମହାନଦୀ ପଠାରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବାଲିଯାତ୍ରା କରିବାକୁ ଏନ୍.ଜି.ଟି.ର ମଞ୍ଜୁରି ।
- କୁନ୍ଦୁଲି ଗଣଦୁଷ୍କର୍ମ ପ୍ରତିବାଦରେ କୋରାପୁଟରେ ସାତଘଣ୍ଟିଆ ବନ୍ଦ ପାଳିତ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ।

***BBSR/R (Rpt)***

## ଜଳସେଚନ ପ୍ରକଳ୍ପ

ରାଜ୍ୟରେ ଅଧିକ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ । ରାଜ୍ୟର ପ୍ରଥମ ଭୂତଳ ଜଳସେଚନ ପ୍ରକଳ୍ପ ବରଗଡ଼ ଜିଲ୍ଲାର ବିଜେପୁର ବ୍ଲକରେ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଜି କହିଛନ୍ତି । ବିଜେପୁରରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧୨୫୦ କୋଟି ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପଟି ବରଗଡ଼ ମୁଖ୍ୟ କେନାଲ୍‌ରୁ ପାଇପ୍‌ଲାଇନ୍ ଦ୍ୱାରା ସଂଯୋଗୀକରଣ କରାଯିବ । ଏହା ଦ୍ୱାରା ଖରିଫ୍ ଋତୁରେ ୨୫ ହଜାର ହେକ୍ଟର ଚାଷଜମି ଏବଂ ରବିଋତୁରେ ୭ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯାଇ ପାରିବ ।

***BBSR/R***

## ସୂଚନା ଦରଖାସ୍ତ

ଆସନ୍ତା ବର୍ଷ ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ୨୦୧୬ ମସିହା ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ସୂଚନା ଅଧିକାର ସମ୍ପର୍କିତ ଦରଖାସ୍ତଗୁଡ଼ିକର ଫଇସଲା କରାଯିବ ବୋଲି ମୁଖ୍ୟ ସୂଚନା ଆୟୁକ୍ତ ଆର୍.କେ. ମାଥୁର

କହିଛନ୍ତି । ଏଥିସହିତ ସେ କହିଛନ୍ତି ଯେ, ସୂଚନା ଅଧିକାର ଆଇନକୁ ଯଥାସମ୍ଭବ କାର୍ଯ୍ୟକାରୀ କରାଯାଉଛି ଏବଂ ଆଇନର ପରିସର ମଧ୍ୟରେ ଦେଶର ସମସ୍ତ ସୂଚନା ଅଧିକାର ଅନୁଷ୍ଠାନଗୁଡ଼ିକୁ ସହଯୋଗ କରାଯିବ । ଭୁବନେଶ୍ୱରରେ ଅନୁଷ୍ଠିତ ତିନିଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଅବସରରେ ଶ୍ରୀ ମାଥୁର ଏ ସମ୍ପର୍କିତ ଦୁଇଟି ପୁସ୍ତକ ଉନ୍ମୋଚନ କରିଛନ୍ତି । ଆଜି ଏହି ସମ୍ମିଳନୀ ଉଦ୍‌ଯାପନ ହେବା ସହ ପ୍ରାୟ ୧୫ଟି ରାଜ୍ୟରୁ ଆସିଥିବା ଏକ ହଜାରରୁ ଅଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ ।

***BBSR/R***

# ମୁଖ୍ୟମନ୍ତ୍ରୀଙ୍କୁ ୭୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୭୨ ବର୍ଷରେ ପଦାର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ନବୀନ ନିବାସ ସମେତ ବିଜେଡ଼ି କାର୍ଯ୍ୟାଳୟରେ ତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବହୁ ସଂଖ୍ୟକ ଜନତାଙ୍କ ସୁଅ ଛୁଟିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ନବୀନ ପଟ୍ଟନାୟକ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି । ଟ୍ୱିଟ୍ ଯୋଗେ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି ।

*BBSR/R*

# ତାଲିମ୍ କ୍ୟାମ୍ପ୍

ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ଗଣମାଧ୍ୟମରେ ନିଜର ପକ୍ଷ ରଖିବାପାଇଁ ଦଳୀୟ ସୋସିଆଲ୍ ମିଡିଆ ଏବଂ ଡିଜିଟାଲ୍ କମ୍ୟୁନିକେସନ ତାଲିମ୍ କ୍ୟାମ୍ପ୍ ଆୟୋଜନ କରାଯାଇଛି । ଏହି ଅବସରରେ ଦଳ ପକ୍ଷରୁ ସୋସିଆଲ୍ ମିଡିଆ ରାଜ୍ୟ କୋଅର୍ଡ଼ିନେଟର୍ ଭାବରେ ଅଭିଷେକ ମହାନନ୍ଦଙ୍କୁ ନିଯୁକ୍ତ କରାଯାଇଛି । ଏହି କାର୍ଯ୍ରକ୍ରମ ଅବସରରେ ଏ.ଆଇ.ସି.ସି. ପକ୍ଷରୁ ତାଲିମ ଦେବାପାଇଁ ସୋସିଆଲ୍ ମିଡିଆ ଏବଂ ଡିଜିଟାଲ୍ କମ୍ୟୁନିକେସନ୍‌ର ଚେୟାର୍‌ମ୍ୟାନ୍ ବିପିନ ଯାଦବ ଆଜି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି ।

*Jharsuguda/R*

# ନିର୍ବାଚନ

ବିଜେପୁର ବିଧାନସଭା ନିର୍ବାଚନ ମାମଲାର ଆଜି ପରିସମାପ୍ତି ଘଟାଇଛନ୍ତି ହାଇକୋର୍ଟ । ବିଧାୟକ ସୁବଳ ସାହୁଙ୍କ ପରଲୋକ ମୃତ୍ୟୁ ପରେ ମାମଲା ଆଉ ଚାଲିପାରିବ ନାହିଁ ବୋଲି କୋର୍ଟ ଆଜି ସ୍ପଷ୍ଟ କରିଛନ୍ତି । ଗତ ୧ ୨ ତାରିଖରେ ଏହି ମାମଲାର ଶୁଣାଣି ଶେଷ କରି କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ । ସୂଚନାଯୋଗ୍ୟ, ୨୦୧୪ ବିଧାନସଭା ନିର୍ବାଚନରେ ବିଜେପୁର

ନିର୍ବାଚନ ମଣ୍ଡଳୀରେ ଅନିୟମିତତା ହୋଇଥିବା ଦର୍ଶାଇ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ପ୍ରସନ୍ନ ଆଚାର୍ଯ୍ୟ ହାଇକୋର୍ଟରେ ମାମଲା ଦାଏର କରିଥିଲେ ।

***Rourkela/R (Rpt)***

# ନିର୍ବାଚନ

ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା ୨ ଗୋଟି ସରପଂଚ ଓ ୧୯୦ଟି ୱାର୍ଡ ମେମ୍ବର ପଦ ପାଇଁ ନିର୍ବାଚନ ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ଆଜିଠାରୁ ପୁଲିଂ ପାର୍ଟିମାନଙ୍କୁ ବୁଥ୍‌କୁ ପ୍ରେରଣ କରାଯାଇଛି। ଆସନ୍ତା କାଲି ସକାଳ ୭ ଘଟିକାରୁ ୧୨ ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଓ ୧୮ ତାରିଖରେ ବ୍ଲକ ପରିସରରେ ସକାଳ ୮ ଘଟିକା ଠାରୁ ଭୋଟ ଗଣନା କରାଯିବ।

***Cuttack/R (Rpt)***

# ବମିଖାଲ ପୋଲ

ବମିଖାଲ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ବ୍ରିଜ୍ କାମ ନେଇଥିବା ଠିକାଦାରୀ ସଂସ୍ଥାର ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ଆଜି ଜାମିନ ପ୍ରଦାନ କରିଛନ୍ତି । ତେବେ

ଜାମିନ ପାଇଁ କି ସର୍ତ୍ତ ରଖାଯିବ ସେ ନେଇ ଅଧସ୍ତନ କୋର୍ଟ ସର୍ତ୍ତ ସ୍ଥିର କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ବମିଖାଲଠାରେ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ି ପଡ଼ିବା ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ୍ ଠିକାଦାର ସଂସ୍ଥାର ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା ।

***HS***

## ପି.ଆଇ.ଏଲ୍.

ପେଟ୍ରୋଲ୍ ଓ ଡିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ବି.ଜେ.ଡି. ପକ୍ଷରୁ କରାଯାଇଥିବା ହରତାଳ ପ୍ରସଙ୍ଗରେ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି । ହରତାଳ ସମୟରେ ହୋଇଥିବା ସମସ୍ତ ସରକାରୀ ଓ ବେସରକାରୀ ସମ୍ପତ୍ତିର କ୍ଷୟକ୍ଷତି ବି.ଜେ.ଡି. ଭରଣା କରିବାକୁ ସେ ଆବେଦନ କରିଛନ୍ତି । ସେହିଭଳି ହରତାଳ ଦିନ ସାଧାରଣ ଲୋକ ସମ୍ମୁଖୀନ ହୋଇଥିବା ହଇରାଣ ହରକତପାଇଁ ବି.ଜେ.ଡି. କ୍ଷମା ପ୍ରାର୍ଥନା କରୁ ବୋଲି ଶ୍ରୀ ସ୍ୱାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି ।

***Desk (Rpt)***

## ଖାଦ୍ୟ ଦିବସ

ଆଜି ହେଉଛି ବିଶ୍ୱ ଖାଦ୍ୟ ଦିବସ । ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ । ଏହି ଉଦ୍ଦେଶ୍ୟ ନେଇ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି

ସଂଗଠନ ୧୯୮୧ ମସିହାରୁ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିଆସୁଛି । ଦାରିଦ୍ର୍ୟ ଓ କ୍ଷୁଧା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ଆଧାର କରି ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷର ବାର୍ତ୍ତା ହେଲା- 'ଅନୁପ୍ରବେଶକାରୀଙ୍କ ଭବିଷ୍ୟତ ପରିବର୍ତ୍ତନ । ଖାଦ୍ୟ ନିରାପତ୍ତା ଓ ଗ୍ରାମୀଣ ବିକାଶରେ ପୁଞ୍ଜି ନିବେଶ ।' ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବାର ଖବର ଆମର ହସ୍ତଗତ ହୋଇଛି ।

***HS***

# ବାଲିଯାତ୍ରା ମଞ୍ଜୁରୀ

କଟକ ମହାନଦୀ ପଠାରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବାଲିଯାତ୍ରା କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍.ଜି.ଟି.)ର କୋଲ୍କାତା ବେଞ୍ଚ୍ ମଞ୍ଜୁରୀ ଦେଇଛନ୍ତି । ତେବେ ଏନେଇ ଏନ୍.ଜି.ଟି. କିଛି ସର୍ତ୍ତ ରଖିଛନ୍ତି । ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ କରିବା ସହ ପ୍ରତିଦିନ ଆବର୍ଜନା ସଫେଇ କରିବାକୁ ଏନ୍.ଜି.ଟି. ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମହାନଦୀର ମୁଖ୍ୟସ୍ରୋତଠାରୁ ୫୦ ମିଟର ଦୂରରେ ବାଲିଯାତ୍ରା ମେଳା ହେବ । ଯାତ୍ରା ଶେଷରେ ମହାନଦୀ ପଠାକୁ ସମ୍ପୂର୍ଣ୍ଣ ସଫା କରିବାକୁ ଏନ୍.ଜି.ଟି. ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ଲୋକଙ୍କ ମଧ୍ୟରେ ନଦୀ ଓ

ପଠାକୁ ପ୍ରଦୂଷଣମୁକ୍ତ କରିବା ଲାଗି ସଚେତନତା ସୃଷ୍ଟି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।୧ ସେହିପରି ବାଲିଯାତ୍ରା ସରିବାର ମାସକ ମଧ୍ୟରେ ଏନ୍.ଜି.ଟି.ଙ୍କ ନିର୍ଦ୍ଦେଶ କିଭଳି ଭାବେ ପାଳନ କରାଯାଇଛି, ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

***Koraput/R (Rpt)***

## କୋରାପୁଟ ବନ୍ଦ୍ ଡାକରା

କୁନ୍ଦୁଲି ଗଣଦୁଷ୍କର୍ମ ପ୍ରତିବାଦରେ ଆଜି କଂଗ୍ରେସ ଓ ମାଓବାଦୀ ସଂଗଠନଗୁଡ଼ିକ ପକ୍ଷରୁ ସାତଘଣ୍ଟିଆ କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା । ଫଳରେ ଜନଜୀବନ ପ୍ରଭାବିତ ହେବା ସହ ଦୋକାନ ବଜାର ବନ୍ଦ ରହିଥିଲା । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ସହ ବ୍ୟାଙ୍କ ସେବା ବ୍ୟାହତ ହୋଇଛି । ଶତାଧିକ କଂଗ୍ରେସ କର୍ମୀ ଜୟପୁର, କୋରାପୁଟ, କୁନ୍ଦୁଲି, କୋଟପାଡ଼, ପଟାଙ୍ଗୀ, ଆଦି ସ୍ଥାନରେ ରାସ୍ତା ଅବରୋଧ କରିବା ସହ ପୀଡ଼ିତାଙ୍କ ନ୍ୟାୟ ଦାବିରେ ଧାରଣା ଦିଆଯାଇଥିଲା ।
ଜୟପୁରଠାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଧାରଣାରେ ବସିଥିଲେ । ବନ୍ଦ୍ ଯୋଗୁଁ ନାରାୟଣପାଟଣା, ବନ୍ଧୁଗାଁ, ବୈପାରୀଗୁଡ଼ା, ନନ୍ଦପୁର ଆଦି ମାଓ ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ କୌଣସି ଅପ୍ରୀତିକର ଘଟଣା ଘଟିନଥିବା ଆମ କୋରାପୁଟ ସମ୍ବାଦଦାତା ଜଣାଇଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାର

ଅନୁଧ୍ୟାନ କରିବା ପାଇଁ ବିଜେଡ଼ି ଅନୁସୂଚିତ ଜାତିର ଏକ ଟିମ୍ ଘଟଣାସ୍ଥଳକୁ ଯିବ ବୋଲି ଜଣାପଡ଼ିଛି ।

***Dhenkanal/R (Rpt)***

## ଭସାଣି

ଢେଙ୍କାନାଳ ଜିଲ୍ଲାରେ କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜାର ଆଜି ଭସାଣି ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଭସାଣି ଉତ୍ସବରେ ୨୫ଟି ପୂଜା ପ୍ରତିଷ୍ଠାନ ଅଂଶ ଗ୍ରହଣ କରିଛନ୍ତି । ସକାଳ ୯ଟାରୁ ଆରମ୍ଭ ହୋଇଥିବା ଭସାଣି ଉତ୍ସବ ରାତି ୧୧ଟା ସୁଦ୍ଧା ଶେଷ ହେବ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

***Nabarangpur/R***

## ସ୍ୱଚ୍ଛତା ପକ୍ଷ ପାଳିତ

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍‌ର ଭାଟି ଗାଁଠାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି । ଜିଲ୍ଲା ଜଳ ଓ ପରିମଳ ମିଶନ ଓ ୟୁନିସେଫ୍ ସହଯୋଗରେ ଗ୍ରାମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ୧୦୩ଟି ପରିବାରରେ ଶୌଚାଳୟ ନିର୍ମାଣ ପାଇଁ ସର୍ଭେ କରାଯାଇ ହିତାଧିକାରୀ ଚୟନ କରାଯାଇଥିଲା । ଗ୍ରାମରେ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ରକ୍ଷା ପାଇଁ ଗ୍ରାମାବସୀ

ସ୍ୱଚ୍ଛତା ଶପଥ ଗ୍ରହଣ କରିବା ସହ ସ୍ୱଚ୍ଛତା ବାର୍ତ୍ତା ପ୍ରଚାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

***SNP***

## ଜୟନ୍ତୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ମାଣିକଗୋଡ଼ା ଗ୍ରାମରେ ଗତକାଲି ବିଶିଷ୍ଟ କୃଷକ ନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ପର୍ଶୁରାମ ପଦାତିକ ରାୟଙ୍କ ଜୟନ୍ତି ପାଳିତ ହୋଇଯାଇଛି । ପୂର୍ବତନ ସୂଚନା କମିଶନର ପ୍ରଫେସର ରାଧାମୋହନ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାସ ବେନେହୁର, ଟ୍ରେଡ୍ ୟୁନିୟନ୍ ନେତା ସୌରୀବନ୍ଧୁ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଦାତିକ ରାୟଙ୍କ ଜୀବନାଦର୍ଶ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଆମର ଦାୟିତ୍ୱ ନେଇ ଅଲୋକପାତ କରିଥିଲେ ।

***Angul/R***

## ବିକ୍ଷୋଭ

ଅନୁଗୁଳ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବିଭିନ୍ନ ଅଞ୍ଚଳରେ ବ୍ୟାପକ ମରୁଡ଼ି ଦେଖାଦେଇଥିବାବେଳେ ପ୍ରଭାବିତ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବିରେ ବି.ଜେ.ପି. ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଶେଷତଃ

ଛେଣ୍ଡିପଦା ବ୍ଲକ୍‌ର କତଡ଼ାଳ, ଜେରେଙ୍ଗା ଦେହୁରିସାହି, ଓଗି, ଦୁର୍ଗାପୁର, ତୁକୁଡ଼ା, ବାଲିପଟା ଓ ଜରପଡ଼ା ପ୍ରଭୃତି ଅଞ୍ଚଳରେ ବ୍ୟାପକ ମରୁଡ଼ି ଯୋଗୁଁ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ବି.ଜେ.ପି. ନେତା ଅଗସ୍ତି ବେହେରା, ସନ୍ତୋଷ ନାଏକ, ରୋଜାଲିନ୍ ମହାନ୍ତି ଓ ଶତ୍ରୁଘ୍ନ ସାହୁ ପ୍ରଭୃତିଙ୍କ ନେତୃତ୍ୱରେ ବି.ଜେ.ପି. କର୍ମୀମାନେ ଜରପଡ଼ାଠାରେ ଏକ ବିକ୍ଷୋଭ ସଭାରେ ତୁରନ୍ତ ଏହିସବୁ ଅଞ୍ଚଳକୁ ମରୁଡ଼ି ଘୋଷଣା ସହ ଚାଷୀମାନଙ୍କଠାରୁ ଋଣ ଛାଡ଼ପାଇଁ ଦାବି କରିଛନ୍ତି ।

***Malkangiri/R (Rpt)***

## ମାଓବାଦୀ - ଖାଦ୍ୟସାମଗ୍ରୀ ଲୁଟ୍

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଳଭଣ୍ଡାର ମଧ୍ୟରେ ମୁତୟନ ଥିବା ଆଇଆର୍‌ବି ସୁରକ୍ଷାକର୍ମୀ କ୍ୟାମ୍ପ୍‌କୁ ଡଙ୍ଗାରେ ଯାଉଥିବା ଖାଦ୍ୟସାମଗ୍ରୀକୁ ମାଓବାଦୀମାନେ ଲୁଟି ନେଇଛନ୍ତି । ଯେଉଁମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଧରାଯିବା ପାଇଁ ଚେଷ୍ଟା ଜାରି ରହିଛି । ସେହି ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର କରାଯାଇଛି ।

***HS***

## ମାଓ ସମର୍ଥକ ଗିରଫ

ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ସନ୍ଦିଗ୍ଧ ଭାବେ ବୁଲୁଥିବା ଦୁଇ ଜଣ ମାଓବାଦୀ ସମର୍ଥକଙ୍କୁ ଆଜି ବଡ଼ପଡ଼ାଠାରେ ଥିବା ବି.ଏସ୍.ଏଫ୍.

ଯବାନମାନେ ଗିରଫ କରିଛନ୍ତି । ଛତିଶଗଡ଼ ମାଓ ସଙ୍ଗଠନରେ କାମ କରୁଥିବା ମାଓ ଦମ୍ପତି ଭୁଜଲ କରାମି ଓ ସୁଶିଳା କରାମି ଗତ କିଛି ମାସ ହେଲା ବିଚ୍ଛିନ୍ନାଞ୍ଚଳକୁ ଆସି ବିଭିନ୍ନ ଗ୍ରାମରେ ସଭାସମିତିର ଆୟୋଜନ ପୂର୍ବକ ଲୋକଙ୍କୁ ସଙ୍ଗଠନରେ ସାମିଲ୍ ହେବାପାଇଁ ବୁଝାଉଥିଲେ । ଉଭୟଙ୍କୁ ଚିତ୍ରକୋଣ୍ଡାସ୍ଥିତ ବି.ଏସ୍.ଏଫ୍. କ୍ୟାମ୍ପ୍‌କୁ ଅଣାଯାଇ ଅଧିକ ତଥ୍ୟ ସଂଗ୍ରହପାଇଁ ପଚରାଉଚୁରା କରାଯାଇଛି ।

***Phulbani/R (Rpt)***

# ଅପହରଣ

କନ୍ଧମାଳ ଜିଲ୍ଲାର କୋଟଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପଙ୍ଗା ଗ୍ରାମର ବସନ୍ତ ଭଙ୍ଗା ନାମକ ଜଣେ ବ୍ୟକ୍ତିଙ୍କୁ ମାଓବାଦୀମାନେ ଗତକାଲି ରାତିରେ ପୋଲିସ୍ ଇନ୍‌ଫର୍ମର ସନ୍ଦେହରେ ଅପହରଣ କରିନେଇଛନ୍ତି । ବନ୍ଧୁକଧାରୀ ମାଓବାଦୀମାନେ ରାତି ପ୍ରାୟ ଗୋଟାଏ ବେଳେ ତାଙ୍କୁ ଘରୁ ଉଠାଇ ନେଇଥିବା ସୂଚନା ମିଳିଛି । ଅତିରିକ୍ତ ଏସ୍.ପି. ଚନ୍ଦ୍ରଶେଖର ହୋତା କହିଛନ୍ତି ଯେ ଏକ ପୋଲିସ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି । ଏ ବିଷୟରେ ସବିଶେଷ ତଥ୍ୟ ମିଳିନଥିବା ସେ ସୂଚନା ଦେଇଛନ୍ତି ।

***HS***

# ଭିଜିଲାନ୍ସ ଚଢ଼ାଉ

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ମାମଲାରେ ବାଲିଅନ୍ତା ତହସିଲ୍‌ର ଅମୀନ ଫକିର ମୋହନ ଜେନାଙ୍କ ଭୁବନେଶ୍ୱର ଘର ଓ ଅନ୍ୟ

ସ୍ଥାନମାନଙ୍କରେ ଭିଜିଲାନ୍ସ ଚଢ଼ାଉ କରିଛି । ଭିଜିଲାନ୍ସର ସ୍ୱତନ୍ତ୍ର ଦଳ ଶ୍ରୀ ଜେନାଙ୍କ ଭୁବନେଶ୍ୱର, ପୁରୀ, ବାଲିଅନ୍ତା ସମେତ ଚାରୋଟି ସ୍ଥାନରେ ଚଢ଼ାଉ କରିଛି ।

***Desk***

## ପାଣିପାଗ

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ଲଘୁଚାପରେ ପରିଣତ ହୋଇଛି । ଏହା ଅବପାତର ରୂପ ନେଇ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ଆସନ୍ତା ୧୯ତାରିଖ ସକାଳେ ଗୋପାଳପୁର ଉତ୍ତର ଆନ୍ଧ୍ରପ୍ରଦେଶ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି । ସ୍ଥଳଭାଗ ଛୁଇଁବା ବେଳେ ଏହାର ବେଗ ଘଣ୍ଟାପ୍ରତି ୬୦କିଲୋମିଟର ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସହ ଉପକୂଳ ଓଡ଼ିଶାରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ।

***Desk***

## ଦୁର୍ଘଟଣା

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଆଜି ସକାଳେ ପ୍ରାତଃଭ୍ରମଣପାଇଁ ଯାଇଥିବା ୩ ଜଣ ଯୁବକଙ୍କ ଉପରେ ଟ୍ରକ୍ ମାଡ଼ିଯାଇଛି । ଫଳରେ

ଘଟଣାସ୍ଥଳରେ ହିଁ ୨ ଜଣଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ଏହି ଦୁର୍ଘଟଣାକୁ କେନ୍ଦ୍ରକରି ରାସ୍ତାରୋକ ହୋଇଥିଲା । ଟ୍ରାଫିକ୍ ବ୍ୟବସ୍ଥା ଏବଂ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଣପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି ।

*********************************